## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ର ମୃତ

ବନ୍ତଲା,୨୪।୪(ଡି.ଏନ.ଏ.)- ବନ୍ତଲା ଥାନା ସାପ୍ତାହିକ ହାଟ ନିକଟରେ ଥିବା ପୋଖରୀରେ ବୁଧବାର ଅପରାହ୍ନରେ ବୁଡ଼ିଯାଇ ବନ୍ତଲା ବଜାର ଅଞ୍ଚଳର ଛାତ୍ର କାହ୍ନା ନାଏକ(୧୪)ଙ୍କ ମୃତ୍ୟୁ ଘଟିଛି। କାହ୍ନା ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

### ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

ଅନୁଗୋଳ ଅଫିସ, ୨୪।୪- ଅନୁଗୋଳ ରାଣୀଗୋଡ଼ ଅଞ୍ଚଳର କରମା ଗୋଛାୟତ(୫୦) ଶୌଚ ପାଇଁ ଯାଇଥିବା ସମୟରେ ଟ୍ରେନ୍ ଧକ୍କାରେ ଗୁରୁତର ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, କରମା ଶୌଚ ପାଇଁ ରେଳ ଧାରଣା କଡ଼କୁ ଯାଇଥିଲେ। ସେହିସମୟରେ ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ଇଣ୍ଟରସିଟି ତାଙ୍କୁ ଧକ୍କା ଦେଇଥିଲା। ତେବେ ରଳ ଧାରଣା ପାର୍ଶ୍ୱକୁ ଶୌଚ ପାଇଁ ଯାଉଥିବା ଅନ୍ୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ଆଣିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

### ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ ଅଫିସ, ୨୪।୪
ଅନୁଗୋଳ ପୁରୁଣାକୋଟ ଥାନା ବାଲିଜେରଙ୍ଗ ଗ୍ରାମର ଶ୍ରମିକ ସଦାନନ୍ଦ ନାଏକ(୪୨)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ସଦାନନ୍ଦ ନିକଟସ୍ଥ ଶରଧାପୁର ଗ୍ରାମକୁ କାମ କରିବାକୁ ଯାଇଥିଲେ। କାମ କରୁଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସ୍ତ୍ରୀ ଓ ୨ ଝିଅ ନିଖୋଜ ଅଭିଯୋଗ

ବଇଣ୍ଡା,୨୪।୪(ଡି.ଏନ.ଏ.)
ହଣ୍ଡପା ଥାନା କଟରଙ୍ଗା ଗ୍ରାମର କନକ ବେହେରା(୩୫) ଓ ତାଙ୍କ ୨ ଝିଅ କାଜଲ ବେହେରା(୧୬), ଟୁନି ବେହେରା(୧୩) ନିଖୋଜ ହୋଇଯାଇଥିବା ବୁଧବାର କନକଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ବେହେରା ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଗତ ୧୮ ତାରିଖରେ ଗ୍ରାମରେ ହିଙ୍ଗୁଳା ପୂଜା ଦେଖିବାକୁ ରାତିରେ ସମ୍ପୃକ୍ତ ୩ଜଣ ଯାଇଥିବାବେଳେ କେଉଁଆଡେ ନିଖୋଜ ହୋଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ■ଅନୁଗୋଳ ଜିଲାରେ ୭୭.୩୭ ପ୍ରତିଶତ ମତଦାନ

# ୫ କ୍ଷେତ୍ର ମଧ୍ୟରୁ ପାଲଲହଡ଼ାର ରେକର୍ଡ



■୮୦.୮୧ % ସହ ସବୁଠୁ ଆଗରେ

■ତାଲଚେରରେ ସର୍ବନିମ୍ନ ୭୨.୫ %

■୩ ନିର୍ବାଚନମଣ୍ଡଳୀରେ ପୁରୁଷଙ୍କୁ ପଛରେ ପକାଇଲେ ମହିଳା ଭୋଟର

ଅନୁଗୋଳ ଅଫିସ, ୨୪।୪

ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ମତଦାନ ପ୍ରକ୍ରିୟା ଶେଷ ହୋଇଛି। ମୋଟ୍ ୭୭.୩୭ ପ୍ରତିଶତ ମତଦାତା ମତଦାନ କରିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ସର୍ବାଧିକ ମତଦାନ ହୋଇଥିବାବେଳେ ତାଳଚେରରେ ସର୍ବନିମ୍ନ ଥିବା ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। ସେହିପରି ମତଦାନ ସମୟରେ ୧୭ଟି ଇଭିଏମ୍ ଓ ୮ଟି ଭିଭିପିଏଟି ଅଚଳ ସମ୍ପର୍କିତ ତଥ୍ୟ ମଧ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଛି। ତେବେ ଗ୍ରାମାଞ୍ଚଳର ଗୋଟିଏ ଗୋଟିଏ ମତଦାନ କେନ୍ଦ୍ରରେ ଶତପ୍ରତିଶତ ଭୋଟ ପଡ଼ିଥିବାବେଳେ ଆଉ କେତେକ କେନ୍ଦ୍ରରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ମତଦାନ କରିଛନ୍ତି। ସହରାଞ୍ଚଳ ଗୁଡ଼ିକରେ ମତଦାନ ହାର ୪୦ରୁ ୪୫ ପ୍ରତିଶତ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ହୋଇଥିବା ମୋଟ୍ ୧୧୬୩ ମତଦାନ କେନ୍ଦ୍ରରେ ୭ ଲକ୍ଷ ୫୩ ହଜାର ୮୭୦ ଜଣ ଭୋଟ ଦେଇଛନ୍ତି। ସେଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ୩ ଲକ୍ଷ ୬୩ ହଜାର ୯୯୫ ଥିବା ବେଳେ ୩ ଲକ୍ଷ ୮୯ ହଜାର ୮୭୪ ଜଣ ପୁରୁଷ ନିଜ ମତ ସାବ୍ୟସ୍ତ କରିଛନ୍ତି। ୫ ନିର୍ବାଚନମଣ୍ଡଳୀ ମଧ୍ୟରୁ ୩ଟିରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଅନୁଗୋଳ ନିର୍ବାଚନମଣ୍ଡଳୀରେ ମୋଟ୍ ୨ ଲକ୍ଷ ୧୭ ହଜାର ୫୭୩ ଜଣ ମତାଦାତାଙ୍କ ମଧ୍ୟରୁ ୭୩.୩୩ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୫୯ ହଜାର ୫୪୯ ଜଣ ମତସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ମତଦାତାଙ୍କ ସଂଖ୍ୟା ୮୩ ହଜାର ବା ୭୩.୪୯% ରହିଛି। ସେହିପରି ୭୩.୧୬ ଅର୍ଥାତ୍ ୭୫ ହଜାର ୭୦୩ ଜଣ ମହିଳା ମତଦାନ କରିଛନ୍ତି। ତାଳଚେର ନିର୍ବାଚନମଣ୍ଡଳୀରେ ମୋଟ୍ ୧ ଲକ୍ଷ ୭୮ ହଜାର ୬୦୯ ଭୋଟରଙ୍କ ମଧ୍ୟରୁ ୭୨.୫ ପ୍ରତିଶତ ବା ୧ ଲକ୍ଷ ୨୯ ହଜାର ୪୯୧ ଜଣ ଭୋଟ ଦେଇଛନ୍ତି। ସେଥିରେ ପୁରୁଷଙ୍କ ସଂଖ୍ୟା ୬୯ ହଜାର ୮୫ (୭୨.୮୭%) ଓ ୭୨.୧୧ ପ୍ରତିଶତ ବା ୬୦ ହଜାର ୪୦୬ ମହିଳା ମତଦାନ କରିଛନ୍ତି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୭ ହଜାର ୨୮୨ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୬୬ ହଜାର ୧୩ ଜଣ (୮୦.୯ ପ୍ରତିଶତ) ମତସାବ୍ୟସ୍ତ କରିଛନ୍ତି। ଏଠାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୮ ହଜାର ୨୮ ଥିବା ବେଳେ ସେଥିରୁ ୮୦.୩ ପ୍ରତିଶତ ହାରରେ ୮୬ ହଜାର ୪୫୪ ଜଣ ମତଦାନ କରିଛନ୍ତି। ସେହିପରି ୯୯ ହଜାର ୨୪୮ ମହିଳା ଭୋଟରଙ୍କ ମଧ୍ୟରୁ ୭୯ ହଜାର ୫୫୯ ଜଣ ବା ୮୦.୧୬ ପ୍ରତିଶତ ଭୋଟ ଦେଇଛନ୍ତି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ମୋଟ୍ ୨ ଲକ୍ଷ ୧ ହଜାର ୫୪୮ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୬୧ ହଜାର ୪୭୭ ଜଣ ମତସାବ୍ୟସ୍ତ କରିଛନ୍ତି। ଏଠାରେ ଭୋଟହାର ରହିଛି ୮୦.୧୨ ପ୍ରତିଶତ। ୧ ଲକ୍ଷ ୨ ହଜାର ୮୦୨ ପୁରୁଷ ଭୋଟରଙ୍କ ମଧ୍ୟରୁ ୭୮.୫୩ ପ୍ରତିଶତ ବା ୮୦ ହଜାର ୭୩୨ ଜଣ ଭୋଟ ଦେଇଛନ୍ତି। ସେହିପରି ମହିଳା ଭୋଟର ୯୮ ହଜାର ୭୪୩ରୁ (୮୧.୭୭% ) ୮୦ ହଜାର ୭୪୪ ଜଣ ମତଦାନ କରିଛନ୍ତି। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ମୋଟ୍ ୧ ଲକ୍ଷ ୬୯ ହଜାର ୯୪୬ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୩୭ ହଜାର ୩୪୦ ଜଣ ମତସାବ୍ୟସ୍ତ କରିଛନ୍ତି। ଏଠାରେ ଭୋଟ ହାର ରହିଛି ୮୦.୮୧ ପ୍ରତିଶତ। ୮୭ ହଜାର ୬୦୮ ପୁରୁଷ ଭୋଟରଙ୍କ ମଧ୍ୟରୁ ୭୯.୬୨ ପ୍ରତିଶତ ହାରରେ ୬୯ ହଜାର ୭୫୭ ଜଣ ମତଦାନ କରିଥିବା ବେଳେ ୮୨.୦୬ ପ୍ରତିଶତ ମହିଳା ଭୋଟର ଅର୍ଥାତ୍ ୮୨ ହଜାର ୩୫୬ରୁ ୬୭ ହଜାର ୫୮୩ ଜଣ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି। ବିଗତ ବର୍ଷଗୁଡ଼ିକ ଅପେକ୍ଷା ପାଲଲହଡ଼ାରେ ରେକର୍ଡ ମତଦାନ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିଂ ପାର୍ଟି ମଙ୍ଗଳବାର ରାତି ୧୧ଟାରୁ ବୁଧବାର ମଧ୍ୟାହ୍ନ ମଧ୍ୟରେ ଇଭିଏମ୍ ଓ ଭିଭିପିଏଟି ମେଶିନକୁ ନିଜ ନିଜ କାଉଣ୍ଟରରେ ଜମା କରିଥିଲେ। ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ରାତିରେ ଜଣେ ପୋଲିଂ ଅଧିକାରୀ ବେହୋସ ହୋଇଯିବାରୁ ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ରିଲିଫ ବଣ୍ଟନ



ବଇଣ୍ଡା,୨୪।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଭୋଗରା କିଶାନସାହିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ୫୧ ପରିବାରକୁ ବୁଧବାର ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଭେଟି ରିଲିଫ ବଣ୍ଟନ କରିଛନ୍ତି। ସମସ୍ତ ପରିବାରକୁ ଚାଉଳ, ଚିନି, ବସ୍ତ୍ର, ବିସ୍କୁଟ, ଡାଲି, ତେଲ, ଲୁଣ ଆଦି ବଣ୍ଟନ କରିଥିଲେ। ଏଥିସହ ସେମାନଙ୍କୁ କିଭଳି ପକ୍କାଘର ମିଳିବ ସେ ନେଇ ପ୍ରଶାସନକୁ ଅବଗତ କରାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଶଶାଙ୍କ ପ୍ରଧାନ, ତାପସ ପ୍ରଧାନ, କୁମୁଦ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ବୀର ପ୍ରଧାନ, ଉଦୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୁର ବନ ସୁରକ୍ଷା ସମିତି ପରିଦର୍ଶନ



ଛେଣ୍ଡିପଦା,୨୪।୪(ଡି.ଏନ.ଏ.)

ଅନୁଗୋଳ ଫରେଷ୍ଟ ରେଞ୍ଜର ଟ୍ରେନିଂ କଲେଜରେ ତାଲିମ ନେଉଥିବା ଫରେଷ୍ଟ ରେଞ୍ଜରଙ୍କ ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଅପରାହ୍ନରେ ଦୁର୍ଗାପୁର ପାଣସାହି ମୌଜା ବନ ସୁରକ୍ଷା ସମିତି ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜଙ୍ଗଲ ବିଭାଗ ଓ ବନ ସୁରକ୍ଷା ସମିତି ସମନ୍ୱୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଓ ସମିତିର ଗଠନ ପରିଚାଳନା ଉପରେ ଆଲୋଚନା କରିଥିଲେ। ରେଞ୍ଜର କ୍ଷୀରାବଧୀ ପ୍ରଧାନ, ମଧୁସ୍ମିତା ଦାଶ, ଲିପ୍ସିତା କହ୍ନର କ୍ଷେତ୍ର ପାଠ୍ୟକ୍ରମ ତଥା ଷ୍ଟଡି ଟୁର ଜରିଆରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ବନ ସୁରକ୍ଷା ସମିତି କାର୍ଯ୍ୟକାରୀ କମିଟି କର୍ମକର୍ତ୍ତାଙ୍କ ସହ ଭାବ ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ଫରେଷ୍ଟର ପ୍ରତାପ କେଶରୀ ପ୍ରଧାନ, ଜରପଡା ଫରେଷ୍ଟର ଲୋକନାଥ ପ୍ରଧାନ, ସମିତି ସଭାପତି ଲମ୍ବୋଦର ସାହୁ, ଆନିମେଟର ଧ୍ରୁବ ଚରଣ ସାହୁ, ଉପସଭାନେତ୍ରୀ ବିଜୁଳି ପ୍ରଧାନଙ୍କ ସମେତ ମହିଳା ସଦସ୍ୟା ଏବଂ କମିଟି କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

କାମାକ୍ଷାନଗର, ୨୪।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା କୋଟଗରା ପଞ୍ଚାୟତ ଗୋଦରିବିଲି ଗ୍ରାମର ସୁମିତ୍ରା ନାୟକଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଯୌତୁକ ପାଇଁ ସୁମିତ୍ରାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୪୦/୧୯, ଦଫା ୩୦୨, ୪୯୮ରେ ମାମଲା ରୁଜୁ କରାଯାଇଛି।

ବୀରାଶାଳ ଗ୍ରାମର ଗୁଣନିଧି ପାତ୍ରଙ୍କ ଝିଅ ସୁମିତ୍ରା ୬ ବର୍ଷ ତଳେ ଦୁର୍ଯ୍ୟୋଧନ ନାୟକଙ୍କୁ ବିବାହ କରିଥିଲେ। ଏହା ଦୁର୍ଯ୍ୟୋଧନଙ୍କ ଦ୍ୱିତୀୟ ବିବାହ ଥିଲା। ଅଧିକାଂଶ ସମୟରେ କୌଣସି କାରଣକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏ ନେଇ ମଙ୍ଗଳବାର ରାତିରେ ସୁମିତ୍ରା ବାପଘର ଲୋକଙ୍କୁ ଅବଗତ କରାଇଥିଲେ। ହେଲେ ବୁଧବାର ହଠାତ୍ ତାଙ୍କର ମୃତ୍ୟୁ ଖବର ପହଞ୍ଚିଥିଲା। ଝିଅର ଏପରି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଗୁଣନିଧି। ସୁମିତ୍ରାଙ୍କ ହତ୍ୟା ପଛରେ ଦୁର୍ଯ୍ୟୋଧନଙ୍କ ହାତ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ■୧୭ତମ ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହିଲା କଳାହାଣ୍ଡି ଘୁମୁରା ନୃତ୍ୟ

ତାଳଚେର,୨୪।୪(ନି.ପ୍ର.)

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଚାଲିଥିବା ୧୭ତମ ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୁରୀର ସ୍ୱାମୀ ଅଖଣ୍ଡରାଜ ମହାରାଜ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଜଗନ୍ ମୋହନ ଗଡନାୟକ, ସଞ୍ଜୟ କୁମାର ସାହୁ, ମୁରଲୀଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଳଚେରର ଅମୃତା ଅନୁଷ୍ଠାନ, ଗୁରୁ ଜି.ଅମିତ୍ କୁମାରଙ୍କ ନିର୍ଦ୍ଦେଶନାରେ ମୟୂରୀ ଡ୍ୟାନ୍ସ ଗ୍ରୁପ ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱର ନୂପୁର ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଦେଇଥିଲେ। ସେହିପରି ଏଫ୍‌ସିଆଇ ବିକ୍ରମପୁରର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ଓ କଳାହାଣ୍ଡି ଭବାନୀପାଟଣାର ମୃଣ୍ମୟୀ କଲଚରାଲ ସୋସାଇଟିର କଳାକାରମାନଙ୍କ ଘୁମୁରା ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହି କାର୍ଯ୍ୟକ୍ରମକୁ ମୁକୁନ୍ଦ ଶତପଥୀ ଓ ସଞ୍ଜୀବ ପଟ୍ଟନାୟକ ପରିଚାଳନା କରିଥିଲେ।



କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।

## ■ପରିଚାଳନାରେ ଝୁଣ୍ଟିଲା ପ୍ରଶାସନ

# ଗୋଟିଏ ବୁଥ୍‌ରେ ହୋଇପାରେ ସାନି ମତଦାନ



ଅନୁଗୋଳ ଅଫିସ, ୨୪।୪

ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ବେଳେ ବିଭିନ୍ନ ବୁଥରେ ଇଭିଏମ୍ ଅଚଳ ଖବର ଆସିଥିଲା। ଏପରି କି କେତୋଟି ମତଦାନ କେନ୍ଦ୍ରରେ ଇଭିଏମ୍‌ରେ ଲାଗିଥିବା ବାଲାଟ ଓ କଣ୍ଟ୍ରୋଲ ୟୁନିଟ୍‌ରେ ସମସ୍ୟା ଦେଖାଦେବାରୁ ତାହାକୁ ବଦଳା ଯାଇଥିଲା। ସେହିପରି କେତୋଟି ଭିଭିପିଏଟିରେ ତ୍ରୁଟି ରହିଥିବାରୁ ତାହାକୁ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ତାଳଚେରର ୮୫ ନମ୍ବର ବୁଥ୍‌ରେ ଇଭିଏମ୍‌ରେ ଗୁରୁତର ତ୍ରୁଟି ନେଇ ଅଭିଯୋଗ ଆସିଥିବାରୁ ପ୍ରଶାସନର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ତ୍ରୁଟି ସମ୍ପର୍କରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଥିବା ଅନୁଗୋଳ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ କୁମାର ମହାନ୍ତି କହିଛନ୍ତି।

ନିର୍ବାଚନ କମିଶନ୍‌ଙ୍କ ନିୟମାବଳୀ ଅନୁଯାୟୀ, ଯେଉଁ ବୁଥ୍‌ରେ ଇଭିଏମ୍‌ର ବିୟୁ(ବାଲାଟ୍ ୟୁନିଟ୍)ରେ ତ୍ରୁଟି ଦେଖାଦେବ ତୁରନ୍ତ ଉକ୍ତ ଇଭିଏମ୍‌ର ବାଲାଟ ୟୁନିଟ୍ ସହ ସିୟୁ(କଣ୍ଟ୍ରୋଲ ୟୁନିଟ୍)କୁ ବଦଳା ଯିବ। କିନ୍ତୁ ତାଳଚେର ଜନ୍ଦାବାହଳ ୮୫ ନମ୍ବର ବୁଥ୍‌ରେ ଇଭିଏମ୍‌ର ବାଲାଟ ୟୁନିଟ୍ ଖରାପ ହୋଇଥିବା ବେଳେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଇଭିଏମ୍‌ରୁ କେବଳ ବାଲାଟ୍ ୟୁନିଟକୁ ବଦଳା ଯାଇଥିବାବେଳେ କଣ୍ଟ୍ରୋଲ ୟୁନିଟ୍ ବଦଳା ଯାଇ ନାହିଁ। ଫଳରେ ମତଦାନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ଜିଲା ନିର୍ବାଚନ ଅଧିକାରୀ ମହାନ୍ତି କହିଛନ୍ତି, ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାରୁ ସେ ଯେଉଁ ନିଷ୍ପତ୍ତି ନେବେ ତାହା ପାଳନ କରାଯିବ। ତାଳଚେର ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପରେଶ ନାୟକ ମଧ୍ୟ ଇଭିଏମ୍ ଖରାପ ଥିବା ସ୍ୱୀକାର କରିଛନ୍ତି।

### ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଇଭିଏମ୍

ଅନୁଗୋଳ ଅଫିସ, ୨୪।୪

ଅନୁଗୋଳ ଜିଲାରେ ନିର୍ବାଚନ ପ୍ରକ୍ରିୟା ମଙ୍ଗଳବାର ଶେଷ ହେବା ପରେ ଇଭିଏମ୍ ଗୁଡ଼ିକୁ ବୁଧବାର ମଧ୍ୟାହ୍ନ ସୁଦ୍ଧା ଷ୍ଟ୍ରଙ୍ଗ ରୁମ୍‌ରେ ଜଉମୁଦା ସିଲ୍ ଦିଆଯାଇ ରଖାଯାଇଛି। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଇଭିଏମ୍ ରଖାଯାଇଥିବାବେଳେ ପର୍ଯ୍ୟବେକ୍ଷକ, ଜିଲାପାଳ ମନୋଜ କୁମାର ମହାନ୍ତି ଓ ରିଟର୍ନିଂ ଅଧିକାରୀ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚେର, ଆଠମଲ୍ଲିକ ଓ ପାଲଲହଡ଼ାରେ ହୋଇଥିବା ଷ୍ଟ୍ରଙ୍ଗ ରୁମ୍ ଗୁଡ଼ିକରେ ମଧ୍ୟ ଇଭିଏମ୍‌ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି। ସିସିଟିଭି କ୍ୟାମେରା ସହ ସିଆର୍‌ପିଏଫ୍ ଏବଂ ଓଏସ୍‌ଏପି ବାଟାଲିୟନର ଯବାନମାନେ କଡ଼ା ପ୍ରହରା ଦେଉଛନ୍ତି।

### ଛେଲିଆପଡ଼ାରେ ରାଜନୈତିକ ହିଂସା

ଅନୁଗୋଳ ଅଫିସ, ୨୪।୪

ନିର୍ବାଚନ ସରିବାର ୨୪ ଘଣ୍ଟା ପରେ ଅନୁଗୋଳ ଛେଲିଆପଡ଼ା ଠାରେ ବୁଧବାର ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଏ ନେଇ ଅନୁଗୋଳ ଥାନାରେ ମାଡ଼ ଖାଇଥିବା ଯୁବକ ଓ ମାଡ଼ ମାରିଥିବା ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଅନୁଗୋଳ ପୋଲିସ ଦୁଇଟି ଯାକ ଏତଲାକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଛେଲିଆପଡ଼ାର ରମେଶ ଚନ୍ଦ୍ର ପ୍ରଧାନଙ୍କ ପୁଅ ଅକ୍ଷୟ କୁମାର ପ୍ରଧାନ ଛକ ମୁଣ୍ଡରେ ଛିଡ଼ା ହୋଇଥିବାବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଉକ୍ତ ଅଞ୍ଚଳର ଉମେଶଙ୍କ ନେତୃତ୍ୱରେ ୫ରୁ ୬ଟି ବାଇକ୍‌ରେ ହଠାତ୍ କେତେଜଣ ଯୁବକ ଆସି ଅକ୍ଷୟଙ୍କ ଉପରେ ଆକ୍ରମଣ କରିଥିଲେ। ତେବେ କୌଶଳ କ୍ରମେ ଅକ୍ଷୟ ଘରକୁ ଦୌଡ଼ି ପଳାଇ ଆସିଥିଲେ। ଏହାପରେ ସମ୍ପୃକ୍ତ ଯୁବକମାନେ ଘର ପାଖକୁ ଆସି ଗାଳିଗୁଲଜ କରିବା ସହ ହତ୍ୟା ଧମକ ମଧ୍ୟ ଦେଇଥିବା ଅକ୍ଷୟ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଅଭିଯୁକ୍ତ ଉମେଶଙ୍କ ବାପା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ଭୋଜି ଖାଇ ଯାଇଥିବାବେଳେ ତାଙ୍କୁ ମାଡ଼ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବ ବ୍ୟବସାୟୀ ମୃତ

କେନ୍ଦୁଝର, ୨୪।୪(ଡି.ଏନ୍.ଏ.)-କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଅରଡେଇ ନଦୀ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଟିପର ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ କେନ୍ଦୁଝର ମାଗୁରୁଗାଡିଆଠାରେ ରହୁଥିବା ସଞ୍ଜିବ କୁମାର ସ୍ୱାଇଁ। ସେ ଏକ ଆକ୍ଟିଭା ଯୋଗେ ବାମେବାରୀ ପଟୁ କେନ୍ଦୁଝର ଅଭିମୁଖେ ଆସୁଥିବାବେଳେ କଣ୍ଡରାପଶି ଅରଡେଇ ନଦୀ ନିକଟରେ ଏକ ଟିପ୍ପର ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ସଞ୍ଜିବଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆକ୍ଟିଭାକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ନାଳକୁ ଖସିଲା ଗାଡ଼ି

ହାଟଡ଼ିହୀ, ୨୪।୪(ଡ଼ି.ଏନ.ଏ.)-କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥ ବେତୀରା ଛକ ଠାରେ ମଙ୍ଗଳବାର ଏକ ଏକ୍ସୟୁଭି ୧୦୦ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ ନାଳକୁ ଖସିପଡ଼ିଛି। ଗାଡ଼ିରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ସରିଲା ଭୋଟ ଅଙ୍କ କଷୁଛନ୍ତି ନେତା, କର୍ମୀ

ହାଟଡ଼ିହୀ,୨୪।୪(ଡି.ଏନ.ଏ.)-କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ସରିଲା ପରେ ନେତା ଓ କର୍ମୀମାନେ ଏବେ ଅଙ୍କ କଷୁଛନ୍ତି । କେଉଁ ବୁଥରୁ କେତେ ଭୋଟ ମିଳିବ ତାହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ତରଫରୁ ହିସାବନିକାସ ଚାଲିଛି । ଚଳିତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଭୋଟ ହାର ୭୪.୩୬ ଶତକଡ଼ା ରହିଛି । ଆଗାମୀ ମେ' ୨୩ ତାରିଖରେ ଭୋଟ ଗଣତି ପରେ ପ୍ରକୃତ ବିଜୟୀ କିଏ ହେବ ତାହା ସ୍ପଷ୍ଟ ହେବ।

# ଗ୍ରାମ୍ୟ ରାସ୍ତା ନିର୍ମାଣ ନେଇ ବିବାଦ

## ଥାନା, ପୂର୍ତ୍ତ ବିଭାଗରେ ଅଭିଯୋଗ

ଝୁମ୍ପୁରା, ୨୪।୪(ଡି.ଏନ.ଏ.)

ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତର ଟାଙ୍ଗରାଣୀ ମୌଜାରେ ଗ୍ରାମ୍ୟରାସ୍ତା ନିର୍ମାଣ ଆଳରେ ଅନୁସୂଚିତ ଜନଜାତି ପ୍ରଜାଙ୍କ ପଟ୍ଟାଭୁକ୍ତ ଜମିରେ ବହୁ ପରିମାଣରେ ମାଟି ପକାଇବା, ପଟ୍ଟାଭୁକ୍ତ ଜମି ଉପରେ ଜୋରଜବରଦସ୍ତ ରାସ୍ତା ତିଆରି କରାଯିବା ନେଇ ପଳାଶପଙ୍ଗା ପୋଲିସ ବିଟ୍ ହାଉସ ଏବଂ କେନ୍ଦୁଝରସ୍ଥିତ ପୂର୍ତ୍ତ ବିଭାଗରେ ଲିଖିତ ଅଭିଯୋଗ ପରେ କ୍ଷତିଗ୍ରସ୍ତ ପ୍ରଜା କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ୨୦ନଂ ଜାତୀୟ ରାଜପଥର ଝୁମ୍ପୁରା ବାଇପାସ୍‌ରୁ ଟାଙ୍ଗରାଣୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଟେଣ୍ଡର ପ୍ରକ୍ରିୟାରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧୀନ ରହିଛି। ତେବେ ଏହି ରାସ୍ତା ବହୁ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ରହିଥିଲେ ହେଁ ସୂଚନାଫଳକ ନ ଥିବା ଏବଂ ପୂର୍ତ୍ତ ବିଭାଗର ଅସହଯୋଗ ଯୋଗୁ ରାସ୍ତା ନିର୍ମାଣ ସମ୍ବନ୍ଧୀୟ ଠିକ୍ ତଥ୍ୟ ମିଳିପାରିନାହିଁ। ହେଲେ ରାସ୍ତା ନିର୍ମାଣର ବ୍ୟୟ ଅଟକଳ ନେଇ ଅନିୟମିତତା ରହିଥିବା ଏବଂ ଟେଣ୍ଡରଧାରୀଙ୍କୁ ପୂର୍ତ୍ତ ବିଭାଗର ଅହେତୁକ ଅନୁକମ୍ପା ଅଭିଯୋଗ ପରେ କଥା ପଦାକୁ ଆସିଛି।



ପଟ୍ଟାଭୁକ୍ତ ଜାଗା ଉପରେ ମାଟି ଢଳାଯାଇଛି।

ଅଭିଯୋଗ ଅନୁଯାୟୀ, ନିର୍ମାଣାଧୀନ ରାସ୍ତାର ଗୋଟିଏ ପାର୍ଶ୍ୱରେ ବହୁ ପରିମାଣର ସରକାରୀ ଜାଗା ଲମ୍ବ ଭାବେ ରହିଛି। ହେଲେ ସେସବୁ ଜାଗା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଜବରଦଖଲରେ ରହିଛି। ଉକ୍ତ ରାସ୍ତା ପୂର୍ବ ରାସ୍ତାଠାରୁ ୪ରୁ ୫ ଫୁଟ ଓସାର କରାଯାଇ ନିର୍ମାଣାଧୀନ ରହିଥିବାବେଳେ ରାସ୍ତାର ଅନ୍ୟ ପାର୍ଶ୍ୱରେ ଅନୁସୂଚିତ ଜନଜାତି ପ୍ରଜାଙ୍କ ପଟ୍ଟାଭୁକ୍ତ ଜାଗା ଉପରେ ଲମ୍ବ ଭାବେ ମାଟି ଢଳାଚାଲିଛି। ରାସ୍ତା ପାର୍ଶ୍ୱରେ କ୍ଷତିଗ୍ରସ୍ତ ପ୍ରଜା କରୁଣାକର ପାତ୍ର ଓ ଭେଦ ଚନ୍ଦ୍ର ପାତ୍ରଙ୍କର ଖାତା ନଂ ୧୮୩, ପ୍ଲଟ୍ ନଂ.୩୫୪ରେ ୬୬ ଡେସିମିଲ ରେକର୍ଡଭୁକ୍ତ ଜାଗା ରହିଛି। ନିର୍ମାଣ ଆଳରେ ରାସ୍ତା ଓସାର କରାଗଲେ କ୍ଷତିଗ୍ରସ୍ତ ପ୍ରଜାଙ୍କର ୧୫ ଡେସିମିଲରୁ ଊର୍ଦ୍ଧ୍ୱ ଜାଗା ଚାଲିଯିବ। ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ମାଟିଢ଼ଳାକୁ ବିରୋଧ କରିଛନ୍ତି। ବର୍ତ୍ତମାନ ରାସ୍ତା ନିର୍ମାଣ ବନ୍ଦ ରହିଥିଲେ ହେଁ ଟେଣ୍ଡରଧାରୀ ଦାଦାଗିରି ଦେଖାଇ ପଟ୍ଟାଭୁକ୍ତ ଜମିରୁ ମାଟି ଉଠାଉ ନ ଥିବା ନେଇ ପୋଲିସ ବିଟ୍ ହାଉସରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ରାସ୍ତାର ଏକ ପାର୍ଶ୍ୱରେ ସରକାରୀ ଜାଗା ଥିବା ସତ୍ତ୍ୱେ ସେପଟକୁ ରାସ୍ତା ଓସାର କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଉପରେ ପଚାରିବାରୁ ପଳାଶପଙ୍ଗା ପୋଲିସ ବିଟ୍ ହାଉସ ଅଧିକାରୀ ଶ୍ରୀକାନ୍ତ ପରିଡ଼ା କହିଛନ୍ତି ଯେ, ଏନେଇ ପଳାଶପଙ୍ଗା ରାଜସ୍ୱ ନିରୀକ୍ଷକଙ୍କୁ କୁହାଯାଇଛି। ଜମି ମାପଚୁପ ପରେ ରାସ୍ତା ତିଆରି ହେବ। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା କହିଛନ୍ତି ଯେ, ଅଭିଯୋଗର ସମାଧାନ ନ ହେଲେ ପୂର୍ବ ରାସ୍ତା ଯାହା ଥିଲା, ସେହି ଅନୁଯାୟୀ ତିଆରି କରାଯିବ।

## କେନ୍ଦୁଝରରେ ୭୮.୧୬% ମତଦାନ

# ମହିଳା ଭୋଟର ସଂଖ୍ୟା ଅଧିକ

କେନ୍ଦୁଝର, ୨୪।୪ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଲୋକ ସଭା ନିର୍ବାଚନ ମଙ୍ଗଳବାର ଶେଷ ହୋଇଛି । ଜିଲାରେ ମୋଟ ୭୮.୧୬ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ମୋଟ ୧୫,୧୫,୬୪୧ ଭୋଟର ରହିଥିବା ବେଳେ ୧୧, ୮୪, ୬୯୭ ଜଣ ମତଦାନ କରିଛନ୍ତି। ସର୍ବାଧିକ ୫,୯୨,୯୨୮ ମହିଳା ଭୋଟର (୭୮.୬୫%) ମତଦାନ କରିଥିବା ବେଳେ ୫,୯୧,୭୬୬ (୭୭.୭୮%) ପୁରୁଷ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୩୨.୨୨ % ବୋଲି ଜଣାପଡ଼ିଛି।

ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀ(୨୦)ରେ ୧୭୮୮୯୮ ଜଣ ଭୋଟ ଦେଇଥିବା ବେଳେ ଭୋଟ୍ ହାର ୭୮.୫୨% ରହିଛି । ସେହିପରି ଘଷିପୁରା ନିର୍ବାଚନ ମଣ୍ଡଳୀ(୨୧)ରେ ୧୭୫୨୫୩ ଜଣ (ଭୋଟହାର ୭୯.୫୧%) ଭୋଟଦାନ କରିଛନ୍ତି। ଆନନ୍ଦପୁର ନିର୍ବାଚନମଣ୍ଡଳୀ(୨୨)ରେ ୧୭୧୮୬୨ ଜଣ (୭୬%), ପାଟଣା ନିର୍ବାଚନମଣ୍ଡଳୀ(୨୩)ରେ ୧୭୫୧୩୯ ଜଣ (୮୫.୭୫%), କେନ୍ଦୁଝର ନିର୍ବାଚନମଣ୍ଡଳୀ(୨୪)ରେ ୧୭,୨୩୦୦ ଜଣ (୭୬.୧୩%), ଚମ୍ପୁଆ ନିର୍ବାଚନ ମଣ୍ଡଳୀ(୨୫)ରେ ୧୬୮୪୦୬ ଜଣ (୭୪.୨୮%) ଏବଂ କରଞ୍ଜିଆ ନିର୍ବାଚନମଣ୍ଡଳୀ(୩୦)ରେ ୧୪୪୮୩୯ ଜଣ ଭୋଟ (୭୭.୬୪%) ଦେଇଥିବା ଜଣାପଡ଼ିଛି । ୨୦୧୪ ନିର୍ବାଚନରେ ୮୦.୫୪ ପ୍ରତିଶତ ଭୋଟ ହୋଇଥିଲା । ଚଳିତ ନିର୍ବାଚନରେ ଭୋଟ ହାର ହ୍ରାସ ପାଇ ୭୮.୧୬ ପ୍ରତିଶତ ହୋଇଥିବା ଜଣାପଡ଼ିଛି । ଚମ୍ପୁଆ ନିର୍ବାଚନମଣ୍ଡଳୀରେ ବହୁ ଭୋଟର ସମୟସୀମା ଜାଣି ପାରିନଥିଲେ। ଏଣୁ ବହୁ ଭୋଟର ଭୋଟ ଦେବାକୁ ଆସି ଫେରିଯାଇଥିଲେ । ଉପଯୁକ୍ତ ପ୍ରଚାର ପ୍ରସାର ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କୁହାଯାଉଛି । ସେଠାରେ ଭୋଟଦାନ ସମୟ ସୀମା ୪ ଟା ଥିବା ବେଳେ ଅନ୍ୟ ନିର୍ବାଚନ ମଣ୍ଡଳୀରେ ସମୟସୀମା ୬ ଟା ଥିଲା । ସେହିପରି କଳାବେଶାଖୀ ବର୍ଷା, ଇଭିଏମ ତ୍ରୁଟି ଯୋଗୁଁ ବହୁ ଭୋଟର ଭୋଟ ଦେବାକୁ ଆସି ଫେରିଯାଇଥିଲେ । ବର୍ଷାପବନ ଯୋଗୁଁ ଅନ୍ଧାର ହୋଇଯିବାରୁ ଶେଷ ସମୟରେ ବହୁ ଭୋଟର ଭୋଟ ଦେବାରେ ସମସ୍ୟା ଭୋଗିଥିଲେ ଏବଂ ଅନେକ ଭୋଟ ଦେବାକୁ ଆସିନଥିଲେ ବୋଲି କୁହାଯାଉଛି।

# ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ, ବର୍ତ୍ତମାନ କେବଳ ଅଙ୍କକଷା

କେନ୍ଦୁଝର, ୨୪।୪(ଡି.ଏନ୍.ଏ.)

କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀରେ ୭ଟି ବିଧାନସଭା କ୍ଷେତ୍ରରେ ଏପ୍ରିଲ ୨୩ତାରିଖ ଭୋଟ ଗ୍ରହଣ ଶେଷ ହୋଇଯାଇଛି। ଘଷିପୁରା ଓ ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ଓ କଂଗ୍ରେସ ଲଢେଇ ହେଉଥିବାବେଳେ ଅନ୍ୟ ୫ଟିରେ ବିଜେଡି ଓ ଭାଜପା ମଧ୍ୟରେ ଲଢେଇ ଅନୁମାନ କରାଯାଉଛି। ତେବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମ୍ ବାକ୍ସରେ ସିଲ୍ ହୋଇଛି। ଆସନ୍ତା ମେ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇବ। ତଥାପି ବିଭିନ୍ନ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳ ତଥା ବିଜେଡି,ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନଙ୍କ ଶିବିରରେ କିଏ କେତେ ଭୋଟ କେଉଁ ଅଞ୍ଚଳରୁ ହାତେଇ ଥାଇପାରେ ତାର ଆକଳନ କରିବା ଆରମ୍ଭ ହୋଇଯାଇଛି। ମୁଖ୍ୟତଃ କେନ୍ଦୁଝର ସଦର, ପାଟଣା, ତେଲକୋଇ, କରଞ୍ଜିଆ, ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଅବତୀର୍ଣ୍ଣ ହୋଇଥିବା ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କ ସମର୍ଥକମାନେ ଆନୁମାନିକ ଗଣିତ ହିସାବ କରି ଫଳାଫଳ ନିଶ୍ଚିତ ସେମାନଙ୍କ ସପକ୍ଷରେ ଯିବ ବୋଲି ମତପୋଷଣ କରୁଛନ୍ତି। ତେବେ ପ୍ରାର୍ଥୀମାନଙ୍କ ଭାଗ୍ୟ କ'ଣ ହେବ ତାହା ଆଗାମୀ ମେ' ୨୩ ତାରିଖରେ ଜଣାପଡିବ।

## ଆମ୍ବଗଡ଼ିଆରେ କୈବର୍ତ୍ତ ମେଳନ

ଖଇରା,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡ଼ାଙ୍ଗ ପଞ୍ଚାୟତ ଆମ୍ବଗଡ଼ିଆରେ ଅନ୍ୟବର୍ଷ ପରି ଏଥର କୈବର୍ତ୍ତ ମେଳନ ତଥା ଚୈତ୍ର ପର୍ବ ପାଳନ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଅପରାହ୍ନରେ ପାଇକାଳପୁର, ରାଇକୁଳାରୁ ଆସିଥିବା ଘୋଡ଼ାନାଚ ଦଳ ଯାକଜମକରେ ନାଚି ନାଚି ମଣ୍ଡପକୁ ପ୍ରବେଶ କରିଥିଲେ। ଡିଜେ ବଜାଇବାକୁ ନେଇ ସେଠାରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିବା ପରେ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। କମିଟି କର୍ମକର୍ତ୍ତା ପୁରସ୍ତମ ମାଝୀ, ଭାଗିରଥି ମାଝୀ, ନବଘନ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିଶ୍ରୁତି କଥାରେ ଅଟକିଛି

# ୨୩ ଦିନ ପରେ ବି ଖୋଲିଲାନି ଶିଶୁ ୱାର୍ଡ

ଚମ୍ପୁଆ, ୨୪।୪(ଡି.ଏନ.ଏ.)

୨୦୧୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ପ୍ରମୁଖ ଭୂମିକା ନିଭାଉଥିବା ବେଳେ ଚିକିତ୍ସା ନଥିବା ଦେଖିବାକୁ ମଳୁଛି। ପୂର୍ବରୁ ଏହି ପ୍ରମୁଖ ସେବା ପାଇଁ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପରେ ଦାୟିତ୍ୱରେ ଥିବା ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତ ଏହି ୱାର୍ଡକୁ ଏପ୍ରିଲ ୧ ତାରିଖରେ ଆନୁଷ୍ଠାନିକ ଭାବେ ଖୋଲାଯିବ ବୋଲି ପ୍ରକାଶ କରିଥିଲେ। କଥା କେବଳ କଥାରେ ରହିଗଲା ହେଲେ ଆଜିପର୍ଯ୍ୟନ୍ତ ଖୋଲାଯାଇ ପାରିଲା ନାହିଁ।




ଚମ୍ପୁଆ ଡାକ୍ତରଖାନା।

ସୂଚନା ଯୋଗ୍ୟ କି ୪ବର୍ଷରୁ ଊର୍ଦ୍ଧ୍ୱ ହେବ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଶିଶୁ ୱାର୍ଡ ନିର୍ମାଣ କରାଯାଇଥିଲା। ସ୍ୱତନ୍ତ୍ର ୱାର୍ଡ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଶିଶୁ ମାନଙ୍କୁ ସାଧାରଣ ରୋଗୀଙ୍କ ସହ ରଖାଯାଇ ଚିକିତ୍ସା କରାଯାଉଛି। ଫଳରେ ସଂକ୍ରମଣର ସମ୍ଭାବନା ଅଧିକ ରହୁଛି। ଏହି ଚିକିତ୍ସାଳୟକୁ ସୁନ୍ଦରଗଡ, କେନ୍ଦୁଝର ମୟୁରଭଞ୍ଜ ଓ ଝାଡଖଣ୍ଡ ରାଜ୍ୟରୁ ଶହଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାତ୍ର ଶିଶୁ ୱାର୍ଡ ଅଭାବରୁ ରୋଗୀମାନେ କେନ୍ଦୁଝର ଚିକିତ୍ସାଳୟକୁ ପଳାଉଛନ୍ତି। ଶିଶୁ ୱାର୍ଡ ଖୋଲିବା ନେଇ ଶିଶୁ ଡାକ୍ତର ସୁନାରାମ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶିଶୁ ୱାର୍ଡର ପରିଚାଳନା ପାଇଁ ଆବଶ୍ୟକ ଷ୍ଟାଫ୍, ଅକ୍ସିଜେନ, ସାଲାଇନ ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଭାରପ୍ରାପ୍ତ ଏସ୍‌ଡିଏମ୍‌ଓଙ୍କୁ ଲିଖିତ ଆକାରରେ ସୂଚନା ଦିଆଯାଇଥିଲେ ମଧ୍ୟ ତାର ବ୍ୟବସ୍ଥା ହୋଇ ନଥିବାରୁ ରୋଗୀ ରଖି ଚିକିତ୍ସା କରିବା ସମ୍ଭବ ହୋଇପାରୁ ନାହିଁ।

ଅନ୍ୟପକ୍ଷରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ମହାନ୍ତ ସଂପୃକ୍ତ ଡାକ୍ତରଙ୍କ ସହ ଆଲୋଚନା କରି ତୁରନ୍ତ ଶିଶୁ ୱାର୍ଡଟିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପୂର୍ବଭଳି ପୁଣି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ତୁରନ୍ତ ଏହା କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ମୌଳିକ ସୁବିଧାରୁ ବଞ୍ଚିତ ବସ୍ତିବାସିନ୍ଦା

ତେଲକୋଇ, ୨୪।୪(ଡି.ଏନ.ଏ.)

- ଗାଁକୁ ନାହିଁ ରାସ୍ତା, ପାଣି
- ପ୍ରଶାସନର ଅଣଦେଖା

ତେଲକୋଇ ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ କାଳିଆହତା ପଞ୍ଚାୟତରେ ରହିଛି ରଙ୍ଗମାଟିଆ ବସ୍ତି । ଏହି ବସ୍ତିରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ତେବେ ପ୍ରଶାସନର ଅଣଦେଖା ଓ ପଞ୍ଚାୟତ ପ୍ରତିନିଧିଙ୍କ ଅବହେଳା ଯୋଗୁଁ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଏହି ବସ୍ତି ବାସିନ୍ଦା । ଗାଁ କୁ ରାସ୍ତା ନ ଥିବା ବେଳେ ଶିକ୍ଷା ସ୍ୱାସ୍ଥ୍ୟ, ପାନୀୟଜଳ ଏହି ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ଏହି ଗ୍ରାମରେ ଶହେରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ଅଦ୍ୟାବଧି ଗ୍ରାମରେ ଥିବା ବିଧବା ଓ ବାର୍ଦ୍ଧକ୍ୟଙ୍କ ପାଇଁ ଭତ୍ତା ହୋଇନଥିବା ବେଳେ ଇନ୍ଦିରା ଆବାସ ,ମୋ କୁଡିଆ କେହି ପାଇ ପାରିନାହାନ୍ତି। ଗ୍ରାମରେ ସ୍କୁଲ ନଥିବା ଯୋଗୁଁ ୩ କି.ମି. ଜଙ୍ଗଲ ରାସ୍ତା ଦୂରରେ ରହିଛି ଲକ୍ଷ୍ମୀନାରାୟଣ ପୁରର ପ୍ରାଥମିକ ବିଦ୍ୟାଳୟ। ଦୂରତା ଅଧିକା ହେଉଥିବା ଯୋଗୁଁ ଗ୍ରାମରେ ପ୍ରାୟ ପିଲା ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଗାଁ ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଓ ମୂଲ ମଜୁରୀ କରି ପରିବାର ଚଳାନ୍ତି । ପାନୀୟଜଳ ପାଇଁ ଝରଣାର ଚୁଆ ପାଣିକୁ ବର୍ଷ ତମାମ ଭରସା କରିଥାନ୍ତି । ସ୍ୱାସ୍ଥ୍ୟ ସେବା ପାଇଁ ୧୦ କି.ମି. ଗଲେ କାଳିଆହତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ହେଲେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିର୍ଘଦିନ ହେବ ଡାକ୍ତର ରହୁନଥିବା ଯୋଗୁଁ ଗ୍ରାମବାସୀ ଚେରମୂଳି ଓ ଝଡାଫୁଙ୍କା ଉପରେ ନିର୍ଭର କରୁଥିବା ଗ୍ରାମର ଦୁଲି ହେମ୍ବ୍ରମ, ମହେଶ୍ୱର ଝୁଡୁ, ଝୁଦିଆ ଝୁଡୁ, ବାନୀ ସୋରେନ ପ୍ରକାଶ କରିଛନ୍ତି। ବିଦ୍ୟୁତ ଏହି ବସ୍ତି ପାଇଁ ସାତ ସପନ ହୋଇ ରହିଛି। ରାସ୍ତା ପାଇଁ କେବଳ ପ୍ରତଶ୍ରୁତି ଦେଇ ପ୍ରତି ପରିବାରର ମୁଖିଆଙ୍କ ନାମ ନେଉଥିବା ଉକ୍ତ ବସ୍ତିର ୱାର୍ଡମେମ୍ବର, ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନ ପାଖରେ ଲୋକଙ୍କ ଦୁଃଖ ଜଣାଇ ଦାବି ହାସଲ କାହିଁକି କରୁନ ପଚରାଯିବାରୁ ବାରମ୍ବାର ଦୁଃଖ ଜଣାଇ ବିଫଳ ହୋଇଛୁ । ଏସମ୍ବନ୍ଧରେ ବିଡିଓ ଦିଲ୍ଲିପ କୁମାର ବାରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ ଏହି ବସ୍ତି ପାଇଁ ନିଶ୍ଚିତ ଦୃଷ୍ଟି ଦିଆଯିବା ସହ କାର୍ଯ୍ୟ କରାଯିବ ।



ବିକାଶ ଅପେକ୍ଷାରେ ରଙ୍ଗମାଟିଆ ଗ୍ରାମବାସୀ।

# ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ସିମୁଳିଆ,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତ ଅଧୀନ କଇଁସି ଗ୍ରାମ ରାସ୍ତାପାର୍ଶ୍ୱରେ ଥିବା ବିଶେଶ୍ୱର ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ବୁଧବାର ଭୋର୍ ସାଢ଼େ ୩ଟା ବେଳେ ନିଆଁ ଲାଗି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି । ନିଆଁର ପ୍ରକୋପ ଅଧିକ ଥିବାରୁ କେହି ଏହା ପାଖ ମାଡିବାକୁ ସାହସ କରି ନ ଥିଲେ। ଅନ୍ୟପକ୍ଷେ ଦମକଳ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ସ୍ଥାନୀୟ ଯୁବକ ଦୀପକ କୁମାର ପଣ୍ଡା ଓ ମନୋଜ କୁମାର ସ୍ୱାଇଁ ବାଇକ୍ ଯୋଗେ ଦମକଳ କେନ୍ଦ୍ରକୁ ଯାଇ ସୂଚନା ଦେଇଥିଲେ । ଘଟଣାସ୍ଥଳରେ ଦମକଳ ଆସି ପହଞ୍ଚିବା ବେଳକୁ ଏହି ଫ୍ୟାକ୍ଟ୍ରି ସମ୍ପୂର୍ଣ୍ଣ ଜଳିଯାଇଥିଲା। ରାତିରେ ଫାକ୍ଟ୍ରି ବନ୍ଦ ଥିବାବେଳେ ଏହାର କର୍ମଚାରୀମାନେ ଭିତରେ ଶୋଇଥିଲେ। ନିଆଁ ଲାଗିବା ପରେ ସେମାନେ ବାହାରକୁ ଚାଲିଆସି ଜୀବନ ରକ୍ଷା କରିଥିଲେ। ଫ୍ୟାକ୍ଟ୍ରିରେ ନିଆଁ କିଭଳି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଫ୍ୟାକ୍ଟ୍ରି ମାଲିକ ଶ୍ୟାମସୁନ୍ଦର ଦାଶ କହିଛନ୍ତି ଯେ, କେହି ଆକ୍ରୋଶମୂଳକ ଭାବେ ନିଆଁ ଲଗାଇ ଦେଇଥିବା ସେ ସନ୍ଦେହ କରୁଛନ୍ତି। ସେ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକ ହୋଇଥିବାରୁ ଗତ ନିର୍ବାଚନରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଫ୍ୟାକ୍ଟ୍ରିରେ ବିଭିନ୍ନ ଭଙ୍ଗା ରଦ୍ଦି ପ୍ଲାଷ୍ଟିକ ଓ ଜରିକୁ ମେଶିନ ସାହାଯ୍ୟରେ ଗୁଣ୍ଡ କରାଯାଇ ବାହାରକୁ ପଠାଯାଇଥାଏ । ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଓ ପୋଲିସକୁ ପଚାରିବାରୁ ତଦନ୍ତ ପରେ ତଥ୍ୟ ପଦାକୁ ଆସିବ ବୋଲି କହିଛନ୍ତି।

# ଇଭିଏମ୍ ପାଇଁ କଡ଼ା ସୁରକ୍ଷା

ଆନନ୍ଦପୁର,୨୪।୪(ସ୍ୱ.ପ୍ର.)

ସାଧାରଣ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ କେନ୍ଦୁଝର ଜିଲାର ଉଭୟ ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ୨୩ ତାରିଖ ଦିନ ଶେଷ ହୋଇଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀ ଅଧୀନ ୨୯୧ ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଥିବାବେଳେ ଘସିପୁରା ନିର୍ବାଚନମଣ୍ଡଳୀର ୩୦୦ନଂ. ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୭୪.୩୬ ଶତକଡା ମତଦାନ ହୋଇଥିବାବେଳେ ଘସିପୁରାରେ ୮୦.୬୧ ପ୍ରତିଶତ ମତଦାନ ହୋଇଛି। ଇଭିଏମ୍‌ରେ ହେଭିଓ୍ୱେଟ୍‌ଙ୍କ ସମେତ ଉଭୟ ନିର୍ବାଚନମଣ୍ଡଳୀର ମୋଟ ୧୫ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇ ରହିଛି। ଆସନ୍ତା ମେ' ୨୩ ତାରିଖରେ ଗଣତି କାର୍ଯ୍ୟ ଅନୁଷ୍ଠିତ ହେବ। ଉଭୟ ନିର୍ବାଚନମଣ୍ଡଳୀର ଇଭିଏମ୍‌କୁ କଡ଼ା ସୁରକ୍ଷା ବଳୟରେ ଶାଳପଡ଼ା କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ରଖାଯାଇଛି। ଗୁଆହାଟୀ ତାଲିମ୍ କେନ୍ଦ୍ରର ୭୩ ବାଟାଲିୟନ୍ ଫୋର୍ସ ମୁତୟନ ହୋଇଛନ୍ତି। ଅନେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ହୋଇଥିବା ସତ୍ତ୍ୱେ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ବାରମ୍ବାର ଇଭିଏମ୍ ତ୍ରୁଟି ଯୋଗୁ ଘସିପୁରା ନିର୍ବାଚନମଣ୍ଡଳୀର ୧୬୯-ଖାଳିଆମେଣ୍ଟ ବୁଥ୍‌ରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା।




କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଇଭିଏମ୍।

## ଔପଦାରେ ନିର୍ବାଚନ ତାତି

ଔପଦା,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରଚାର ତାତି ବୃଦ୍ଧି ପାଇଛି। ବିଜେଡି ଓ ଭାଜପା କର୍ମୀମାନେ ଛକାପଞ୍ଝା ସ୍ଥିତିରେ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ରାଜନୈତିକ ଅସହିଷ୍ଣୁତା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାଜପା ଛାଡ଼ି ବିଜେଡିରୁ ନୀଳଗିରି ବିଧାନସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସନ୍ତୋଷ କୁମାର ଖଟୁଆ ଓ ବିଜେଡି ଛାଡ଼ି ଭାଜପାରେ ପ୍ରାର୍ଥୀ ହୋଇଥିବା ଇଂ. ସୁକାନ୍ତ କୁମାର ନାୟକଙ୍କ ସମର୍ଥକମାନେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ କଂଗ୍ରେସ ଓ କମ୍ୟୁନିଷ୍ଟ ସମର୍ଥକମାନେ ସ୍ୱତନ୍ତ୍ର ଶୈଳୀରେ ପ୍ରଚାର ଚଳାଇଛନ୍ତି। ଔପଦା ବଜାରରେ ବିଭିନ୍ନ ଦଳର ପ୍ରଚାର ଗାଡ଼ି ମୁହାଁମୁହିଁ ହେଉ ଥିବାରୁ ସ୍ଥାନୀୟ ପୋଲିସ୍‌କୁ ନାକେଦମ୍ ହେବାକୁ ପଡୁଛି। ଏଭଳି ସ୍ଥିତିରେ ସ୍ଥାନୀୟ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ଼ର ଭୂମିକା ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।

# ତୁଟୁନି ସମସ୍ୟା: ରୋଗୀ ହଇରାଣ

## ଡାକ୍ତରଙ୍କ ଅନୁପସ୍ଥିତି ସୂଚନା ମିଳୁନି

କେନ୍ଦୁଝର,୨୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତରଙ୍କ ଉପସ୍ଥିତି ଓ ଅନୁପସ୍ଥିତିକୁ ନେଇ କୌଣସି ସୂଚନା ଦିଆଯାଉ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଟିକେଟ କାଟି ଡାକ୍ତରଙ୍କ କ୍ୟାବିନ ଆଗରେ ରୋଗୀମାନେ ଅପେକ୍ଷା କରି ନିରାଶରେ ଫେରୁଛନ୍ତି। ଏକପକ୍ଷରେ ଡିଏମ୍‌ଏଫ୍ ଅର୍ଥରେ ରୋଗୀ ଓ ସାଧାରଣ ଲୋକଙ୍କୁ ସୂଚନା ଦେବା ପାଇଁ ଲଗାଯାଇଥିବା ବ୍ୟୟବହୁଳ ଡିଜିଟାଲ କିଓସ୍କୋ କିଛିଦିନ ହେଲା ଅଚଳ ହୋଇ ପଡ଼ିଥିଲେ ହେଁ ତାହା ସଜଡ଼ା ଯାଉନାହିଁ । ଏହାଦ୍ୱାରା ରୋଗୀମାନଙ୍କୁ ସୂଚନା ମିଳୁନାହିଁ । ଅନ୍ୟପକ୍ଷରେ ଡାକ୍ତରମାନଙ୍କ ଉପସ୍ଥିତି ଓ ଅନୁପସ୍ଥିତି ସମ୍ପର୍କରେ ସୂଚନା ପ୍ରଦର୍ଶନ କରାଯାଉ ନ ଥିବାରୁ ରୋଗୀ ମାନେ ବହୁ ଅସୁବିଧା ଭୋଗୁଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ବୁଧବାର ଦେଖିବାକୁ ମିଳିଥିଲା।

ଚର୍ମରୋଗ ବିଶେଷଜ୍ଞ ଡାକ୍ତର ଦୁଇଦିନ ହେଲା ଅନୁପସ୍ଥିତ ଅଛନ୍ତି। ତାଙ୍କ ବସିବା କ୍ୟାବିନ ଖୋଲାରହୁଛି। ଆସୁଥିବା ରୋଗୀଙ୍କୁ ଡାକ୍ତରଙ୍କୁ ଦେଖାଇବା ପାଇଁ ଟିକେଟ କାଉଣ୍ଟରରୁ ଟିକେଟ ଦିଆଯାଉଛି। କିନ୍ତୁ ରୋଗୀ କ୍ୟାବିନ ସମ୍ମୁଖରେ ବସି ବସି ଘରକୁ ନିରାଶ ହୋଇ ଫେରିବା ପରେ ବୁଧବାର ପୁଣି ଅପେକ୍ଷାରେ ବସିଥିବା ଅଭିଯୋଗ ହୋଇଛି । ତେବେ ଏ ନେଇ ଡାକ୍ତରଖାନାରେ ତନାଘନା କରିବା ପରେ ଜଣାପଡିଲା ଡାକ୍ତର ଛୁଟିରେ ଅଛନ୍ତି । ଏହାପରେ ଡାକ୍ତରଖାନା କର୍ମଚାରୀ ଅପେକ୍ଷାରତ ରୋଗୀଙ୍କୁ ସୂଚନା ଦେବା ସହ ଆଉଟ୍‌ଡୋରରେ ଥିବା ଡାକ୍ତରଙ୍କୁ ରୋଗ ଦେଖାଇବା ପାଇଁ ପଠାଯାଇଥିଲା। ଡାକ୍ତର ଅନୁପସ୍ଥିତିକୁ ନେଇ ସେମାନଙ୍କୁ କେହି ସୂଚନା ଦେଉନାହାନ୍ତି କିମ୍ବା ବାହାରେ କୌଣସି ସୂଚନା ନ ଥିବାରୁ ରୋଗୀମାନେ ଜାଣି ପାରୁନାହାନ୍ତି । ମଙ୍ଗଳବାର ଫେରିବା ପରେ ବୁଧବାର ପାଖାପାଖି ୧ ଘଣ୍ଟା ଅପେକ୍ଷା କରିଥିବା ୪୦ କି.ମି. ଦୂରରୁ ଆସିଥିବା ରୂପବତୀ ମହାନ୍ତ କହିଛନ୍ତି। ସେହିପରି ନରଣପୁରରୁ ଆସିଥିବା ହରେକୃଷ୍ଣ ବେହେରା, ଝୁଣ୍ଟୁରୀ ବେହେରା, ଜଗନ୍ନାଥପୁରରୁ ଆସିଥିବା ମାନୀ ଜେନାଙ୍କ ସମେତ ବହୁ ରୋଗୀ ଅପେକ୍ଷା କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏନେଇ ସିଡିଏମ୍‌ଓ ଡ. ଚୌଧୁରୀ ସ୍ୱରୂପ ମିଶ୍ର କହିଛନ୍ତି ଯେ, ରୋଗୀମାନେ ପ୍ରଥମେ ଆଉଟ୍‌ଡୋରରେ ଦେଖାଇବା ପରେ ସେଠାରୁ ବିଶେଷଜ୍ଞ ଡାକ୍ତରଙ୍କ ପାଖକୁ ଯିବା କଥା । ତେବେ ଡାକ୍ତରଙ୍କ ଅନୁପସ୍ଥିତି ସମ୍ପର୍କିତ ସୂଚନା ଦେବା ପାଇଁ ବ୍ୟବସ୍ଥା କରାଯିବ। ଏପରି କି ଡ୍ୟୁଟି ସମୟରେ ଡାକ୍ତରଙ୍କୁ ସିଟ୍‌ରେ ନ ପାଇ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କୁ ଠିକ୍ ସୂଚନା କେହି ଦେଇପାରୁ ନ ଥିବାରୁ ବିଶେଷକରି ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ଉପଯୁକ୍ତ ତଦାରଖ ଅଭାବରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ସମସ୍ୟା ନେଇ ସିଡିଏମ୍‌ଓ ଏବଂ ଏଡିଏମ୍‌ଓ ପଦକ୍ଷେପ ନେବାକୁ ଦାବି ହେଉଛି ।



ଟିକେଟ୍ କାଉଣ୍ଟରରେ ରୋଗୀମାନେ ଛିଡ଼ା ହୋଇଛନ୍ତି।

